## ନିର୍ବାଚନ ପାଇଁ ପୋଲିସ ପ୍ରସ୍ତୁତି
# ୨୪ ପ୍ଲାଟୁନ୍ ଫୋର୍ସ ମୁତୟନ


ଢେଙ୍କାନାଳ ସହରରେ ପୋଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଉଛି।

**ଢେଙ୍କାନାଳ,୨୩।୫(ରତନ ନାୟାର)**

ଢେଙ୍କାନାଳ ଜିଲାରେ ଶାନ୍ତିଶୃଙ୍ଖଳାର ସହ ନିର୍ବାଚନ ପରିଚାଳନା କରିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଦିନକ ପରେ ନିର୍ବାଚନ ଅନୁଷ୍ଠିତ ହେଉଥିବାରୁ ଏଥିପାଇଁ ପୋଲିସ ଅଧିକାରୀ ଓ କର୍ମଚାରୀମାନଙ୍କୁ ସେମାନଙ୍କ ଦାୟିତ୍ୱ ବଣ୍ଟାଯିବା ସହ ସେମାନଙ୍କୁ ନିଜର ଗନ୍ତବ୍ୟ ସ୍ଥାନକୁ ପଠାଯାଇଛି। ଚଳିତ ନିର୍ବାଚନରେ ଏସ୍‌ପିଙ୍କ ନେତୃତ୍ୱରେ ଜିଲାରେ ୪ଜଣ ଅତିରିକ୍ତ ଏସ୍‌ପି, ୧୦ ଜଣ ଡିଏସ୍‌ପି, ୨୨ଜଣ ଇନ୍ସପେକ୍ଟର, ଏସ୍‌ଆଇ ଓ ଏଏସ୍‌ଆଇଙ୍କୁ ମିଶାଇ ୧୨୯ ଓ ୨୪ ପ୍ଲାଟୁନ ସେଣ୍ଟ୍ରାଲ୍ ଆର୍ମଡ୍ ପୋଲିସ ଫୋର୍ସ(ସିଏପିଏଫ୍) ମୁତୟନ କରାଯାଇଛି। ଛତିଶଗଡ ରାଜ୍ୟରୁ ୨୦୦ ହୋମଗାର୍ଡଙ୍କୁ ନିୟୋଜିତ କରାଯାଇଛି। ଜିଲାର ସମସ୍ତ ଅଞ୍ଚଳରେ ଫ୍ଲାଗମାର୍ଚ୍ଚ ହୋଇଥିବାବେଳେ ଗୁରୁବାର ସନ୍ଧ୍ୟାରେ ଢେଙ୍କାନାଳ ସହରରେ ପୋଲିସର ଫ୍ଲାଗମାର୍ଚ୍ଚ ଅନୁଷ୍ଠିତ ହୋଇଥିଲା। ନିର୍ବାଚନ ପାଇଁ ପୋଲିସ ପକ୍ଷରୁ ଜାନୁଆରୀ ମାସରୁ

### ସହରରେ ଫ୍ଲାଗମାର୍ଚ୍ଚ
- ୧୧ ବନ୍ଧୁକ ଓ ୨୮ ଗୁଳି ଜବତ, ୧୨୯ ପଳାତକ ଘୋଷିତ
- ପିଙ୍କ୍ ବୁଥରେ ରହିବେ ମହିଳା ପୋଲିସ ଅଧିକାରୀ ଓ କର୍ମଚାରୀ

ମେ ମାସ ମଧ୍ୟରେ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ୬୦୪ଟି ଅବକାରୀ ମାମଲା, ୬ଟି ଏନ୍‌ଡିପିଏସ୍ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେହିପରି ୧୫୧୫ ଜଣଙ୍କଠାରେ ସିଆରପିସି ୧୦୭ ଓ ୧୩୯ଜଣଙ୍କଠାରେ ୧୧୦ ଦଫା ଲଗାଯାଇଛି। ୭୯୦ଜଣଙ୍କ ନାମରେ ୱାରେଣ୍ଟ ଜାରି କରାଯାଇଛି। ୧୧ଟି ବନ୍ଧୁକ, ୨୮ଟି ଜୀବନ୍ତ ଗୁଳି, ୫୦ଗ୍ରାମ୍ ଗନ୍ ପାଉଡର, ୪ଟି ଜୁଆ ସାମଗ୍ରୀ ଜବତ ହୋଇଛି। ସେହିପରି ଢେଙ୍କାନାଳ ଜିଲାକୁ ଲାଗିଥିବା ଅନୁଗୋଳ, କେନ୍ଦୁଝର, ଯାଜପୁର ଓ କଟକ ଜିଲାର ସୀମାରେ ୧୫ଟି ସୀମା ଚେକିଂ ପୋଷ୍ଟ କରାଯାଇଛି। ୨୪ଟି ଫ୍ଲାଇଙ୍ଗ୍ ସ୍କାଡ୍ ଏବଂ ୨୪ଟି ଷ୍ଟାଟିଷ୍ଟିକ୍ସ ସର୍ଭିଲାନ୍ସ ଟିମ୍ ଗଠନ କରାଯାଇଛି। ୭୦ଟି ମୋବାଇଲ ଟିମ୍ ଗଠିତ ହୋଇଥିବା ବେଳେ ୭ଟି ବାଇକ ଟିମ୍ ଗଠିତ ହୋଇଛି। ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ମାମଲାରେ ୧୨୯ଜଣଙ୍କୁ ପଳାତକ ଘୋଷିତ କରାଯାଇଛି। ନିର୍ବାଚନରେ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ପିଙ୍କ୍ ବୁଥ ଗୁଡିକରେ କେବଳ ମହିଳା ପୋଲିସ ଅଧିକାରୀ ଓ କର୍ମଚାରୀ ରହିବେ। ନିର୍ବାଚନ ଭୋଟ ଗ୍ରହଣ ପରେ ଇଭିଏମ୍ ରଖାଯିବା ଷ୍ଟ୍ରଙ୍ଗ୍ ରୁମରେ ସୁରକ୍ଷା ପାଇଁ ସଶସ୍ତ୍ର ପୋଲିସ ମୁତୟନ କରାଯିବ। ଜିଲାର ୧୨ଟି ବୁଥ୍‌ରେ ଫୋନ ନେଟୱର୍କ ରହୁ ନ ଥିବାରୁ ଭିଏଚ୍‌ଏଫ୍ ବ୍ୟବସ୍ଥା କରାଯାଇଛି। ତନ୍ମଧ୍ୟରେ ପରଜଙ୍ଗ ବିଧାନସଭା ନିର୍ବାଚନ ମଣ୍ଡଳୀରେ ୭ଟି, ହିନ୍ଦୋଳ ନିର୍ବାଚନ ମଣ୍ଡଳୀରେ ୨ଟି ଓ ଢେଙ୍କାନାଳ ବିଧାନସଭା ନିର୍ବାଚନ ମଣ୍ଡଳୀରେ ୩ଟି ବୁଥ ରହିଛି ବୋଲି ଏସ୍‌ପି ମଡକର ସନ୍ଦିପ ସମ୍ପଦ୍ ସୂଚନା ଦେଇଛନ୍ତି। ଢେଙ୍କାନାଳ ସହରରେ ଅନୁଷ୍ଠିତ ପୋଲିସ ଫ୍ଲାଗମାର୍ଚ୍ଚରେ ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନ, ସଦର ଏସ୍‌ଡିପିଓ ବିଭୂତି ଭୂଷଣ ମହାପାତ୍ର, ତ୍ରିପୁରା ରାଜ୍ୟରୁ ଆସିଥିବା ପୋଲିସ କମାଣ୍ଡାଣ୍ଟ ଗୋପାଳ ଦେବବ୍ରହ୍ମା, ଟାଉନ ଥାନା ଅଧିକାରୀ ପ୍ରଭାତ ସାହୁ ପ୍ରମୁଖ ସାମିଲ ହୋଇଥିଲେ। ଫ୍ଲାଗମାର୍ଚ୍ଚ ଢେଙ୍କାନାଳ ସହରର ପୌରାଞ୍ଚଳ, ସଦର ଥାନାର କାଙ୍କଡପାଳ ଅଞ୍ଚଳକୁ ଯାଇ ପୁଣି ସହରକୁ ଫେରିଥିଲା।

# କୁଶଳୀ ଯୁବକ ବେକାର ରହିବେ ନାହିଁ: ବ୍ରଜ



**ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ। ୨୦୦୯ରେ କଂଗ୍ରେସ ହାତ ଛାଡି ସ୍ୱାଧିନ ଭାବେ ଲଢି ବିଜୟୀ ହୋଇଥିଲେ। ପରେ ସେ ବିଜେଡିରେ ସାମିଲ ହୋଇ ୨୦୧୪ ଏବଂ ୨୦୧୯ରେ ବିଧାୟକ ହୋଇଥିଲେ। ଲଗାତାର ୩ଥର ବିଜୟୀ ହେବା ପରେ ଏବେ ଚତୁର୍ଥ ଥର ଜିତିବା ଲକ୍ଷ୍ୟ ନେଇ ସେ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ବିଗତ ବର୍ଷରେ କରିଥିବା ବିକାଶମୂଳକ କାର୍ଯ୍ୟ ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତା ତାଙ୍କର ବିଜୟର ପାଥେୟ ହେବ ବୋଲି ବ୍ରଜକିଶୋର କହିଛନ୍ତି।**

### ପ୍ରଶ୍ନ -ନିର୍ବାଚନୀ ପ୍ରସଙ୍ଗ କ'ଣ ରହିଛି?

**ଉତ୍ତର–** ତାଳଚେର ଦେଇ ଯାଇଥିବା ଜାତୀୟ ରାଜପଥ ଓ ୧୪୯ ତାଳଚେରକୁ ବଅଁରପାଳଠାରେ ଯୋଡୁଥିବା ଏନଏଚ୍‌-୫୫ର ଅବସ୍ଥା ସମସ୍ତେ ଜାଣନ୍ତି। କେନ୍ଦ୍ର ସରକାରଙ୍କ କାଳକ୍ଷେପଣ ନୀତି ଯୋଗୁ ମୋ' ନିର୍ବାଚନମଣ୍ଡଳୀର ଜନସାଧାରଣ ଯାତାୟାତରେ କଷ୍ଟ ଭୋଗୁଛନ୍ତି। ଏ ଦିଗ ପ୍ରତି ଧ୍ୟାନ ଦେବା ସହ ତାଳଚେରରେ ସ୍ୱତନ୍ତ୍ର କୋଲ କମ୍ପାନୀ ପ୍ରତିଷ୍ଠା ପାଇଁ ଯୋଜନା ରହିଛି। ସେହିପରି ମେଡିକାଲ କଲେଜରେ ନାମଲେଖା ପ୍ରକ୍ରିୟା ତ୍ୱରାନ୍ୱିତ କରିବା, ତାଳଚେର ରେଳ ଷ୍ଟେଶନର ଉନ୍ନତିକରଣ ଓ ମଡେଲ ଷ୍ଟେଚରର ବ୍ୟବସ୍ଥା କରିବା, ଗୋଡିବନ୍ଧଠାରୁ ବହ୍ଲର ପର୍ଯ୍ୟନ୍ତ ଫ୍ଲାଏ ଓଭର ରାସ୍ତା ନିର୍ମାଣ, ସ୍ଥାନୀୟ ଯୁବକଙ୍କୁ ନିଯୁକ୍ତି ପ୍ରଦାନ ଆଦି ମୋର ନିର୍ବାଚନୀ ପ୍ରସଙ୍ଗ ରହିଛି।

### ପ୍ରଶ୍ନ- ମତଦାତାଙ୍କୁ କ'ଣ ପ୍ରତିଶ୍ରୁତି ଦେବେ?

**ଉତ୍ତର–** ମୋ ନିର୍ବାଚନ ମଣ୍ଡଳୀରେ କୌଣସି କୁଶଳୀ ଯୁବକ ବେକାର ରହିବେ ନାହିଁ। କୌଣସି ବିସ୍ଥାପିତ ନିଯୁକ୍ତି ସୁଯୋଗରୁ ବଞ୍ଚିତ ହେବେନାହିଁ। ଥଇଥାନ କଲୋନୀ ଗୁଡ଼ିକରେ ମୌଳିକ ସମସ୍ୟା ରହିବ ନାହିଁ। ତାଳଚେରଠାରେ ନୂତନ ଭାବେ କୋଇଲା କମ୍ପାନୀ ପ୍ରତିଷ୍ଠା, ଫ୍ଲାଏଓଭର ବ୍ରିଜ ନିର୍ମାଣ, ମେଡ଼ିକାଲ କଲେଜରେ ତାଳଚେରବାସୀଙ୍କୁ ମାଗଣା ସ୍ୱାସ୍ଥ୍ୟସେବା, ତାଳଚେର ରେଳଷ୍ଟେଶନର ଉନ୍ନତିକରଣ। ନିର୍ବାଚନମଣ୍ଡଳୀର ସବୁ ଅଞ୍ଚଳରୁ ରେଳଷ୍ଟେଶନ ପର୍ଯ୍ୟନ୍ତ ମାଗଣା ବସ୍ ସେବା ଯୋଗାଇଦେବା ନେଇ କାମ କରିବି। ମୋ ନିର୍ବାଚନମଣ୍ଡଳୀର ସମସ୍ୟାଗୁଡ଼ିକ କେନ୍ଦ୍ରୀୟ ପ୍ରସଙ୍ଗ ହୋଇଥିବାରୁ ଏଥିପାଇଁ ଦିନରାତି ସଂଗ୍ରାମ ଜାରି ରହିବ। ସେହିପରି ନିର୍ବାଚିତ ହେବାର ୧ମାସ ମଧ୍ୟରେ ୨ୟ ବ୍ରାହ୍ମଣୀ ସେତୁର କାର୍ଯ୍ୟ ତ୍ୱରାନ୍ୱିତ ହେବା ସହ ଦେଢବର୍ଷ ମଧ୍ୟରେ ସମାପ୍ତ ହେବା ମୋ ଦାୟିତ୍ୱ।

### ପ୍ରଶ୍ନ- ଭୋଟରଙ୍କୁ ନିଜ ସମର୍ଥନରେ କ'ଣ କହିବେ?

**ଉତ୍ତର–** ନିର୍ବାଚନମଣ୍ଡଳୀର ଲୋକଙ୍କୁ ରାଜ୍ୟର ପ୍ରତିଷ୍ଠିତ ଡାକ୍ତରଖାନା ତଥା ରାଜ୍ୟ ବାହାରର ଡାକ୍ତରଖାନାକୁ ନେଇ ଚିକିତ୍ସା କରିବାକୁ ସର୍ବଦା ପ୍ରାଧାନ୍ୟ ଦେଇଛି। ବିସ୍ଥାପିତ ସମସ୍ୟା କେନ୍ଦ୍ରସରକାରଙ୍କ ପ୍ରସଙ୍ଗ ହୋଇଥିଲେ ମଧ୍ୟ ସେମାନଙ୍କ ହକ୍ ପାଇଁ ଲଢେଇ କରି ଆସିଛି। ଖଣି ଅଞ୍ଚଳରେ କାର୍ଯ୍ୟରତ ଅନେକ ଟ୍ରକ ଡ୍ରାଇଭର, ହେଲ୍‌ପର୍, ସୁପରଭାଇଜର ଓ ଅନ୍ୟମାନଙ୍କ ପାଇଁ ଲଢେଇ କରି ଆସିଛି। ଏହାବାଦ୍ ବିଗତ ଦିନରେ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ସଫଳ ଯୋଜନା ମୋ ସଫଳତାର ଚାବିକାଠି ହେବ ବୋଲି ଆଶା କରୁଛି।

### ପ୍ରଶ୍ନ- ଭୋଟର କାହିଁକି ଆପଣଙ୍କୁ ସମର୍ଥନ କରିବେ?

**ଉତ୍ତର–** ବ୍ୟକ୍ତିଗତ ଭାବେ କୌଣସି ସଫଳତା ଶ୍ରେୟ ମୁଁ ନେବିନାହିଁ। ୩ଥର ଲୋକେ ମୋତେ ଜନପ୍ରତିନିଧି ଭାବେ ନିର୍ବାଚିତ କରିଛନ୍ତି। ଯାହା କରିଛି ମୋର ନିଜର ଦାୟିତ୍ୱ ଭାବି କରିଛି। ମୋ ନିର୍ବାଚନ ମଣ୍ଡଳୀର ସବୁ ସମସ୍ୟାରେ ମୁଁ ଲୋକଙ୍କ ସହ ଅଛି ଏବଂ ସେମାନଙ୍କ ସମସ୍ୟାଗୁଡିକୁ ନିଷ୍ଠାପର ଭାବେ ସମାଧାନ କରିବାକୁ ଚେଷ୍ଟା କରିଛି।

### ପ୍ରଶ୍ନ- କାହା ସହିତ ଆପଣଙ୍କର ପ୍ରତିଦ୍ୱନ୍ଦ୍ୱିତା ହେବ?

**ଉତ୍ତର–** ପ୍ରକୃତପକ୍ଷେ କହିବାକୁ ଗଲେ ମୋର ପ୍ରତିଦ୍ୱନ୍ଦ୍ୱିତା କାହା ସହ ନାହିଁ। ମୋର ପ୍ରତିଦ୍ୱନ୍ଦ୍ୱିତା ମୋ ନିଜ ସହ। ୨୦୧୪ରେ ୧୪,୩୨୨ ଭୋଟ ବ୍ୟବଧାନ, ୨୦୧୯ରେ ୨୪,୧୦୨ ଭୋଟ ବ୍ୟବଧାନରେ ଜିତିଥିଲି। ୨୦୨୪ରେ ଏହି ବ୍ୟବଧାନକୁ ପୁଣି ବଢାଇବାକୁ ଚେଷ୍ଟା କରିବି। ମୁଖ୍ୟମନ୍ତ୍ରୀଙ୍କ ଲୋକପ୍ରିୟତା ଏବଂ ମୋର ଲୋକସମ୍ପର୍କ କାରଣରୁ ଏହି ଦୃଢ ବିଶ୍ୱାସ ରହିଛି।

**ସାକ୍ଷାତକାର–ତାଳଚେର, ମନୋଜ ନନ୍ଦ**

# ଭୀମ ଭୋଇଙ୍କ ରଚନାବଳୀରେ ମହିମା ସମାଜ ସମୃଦ୍ଧ




**ଢେଙ୍କାନାଳ,୨୩।୫(ରତନ ନାୟାର)**

### ମହିମାଗାଦି ଯୋରନ୍ଦାରେ ସନ୍ଥ କବିଙ୍କ ଜୟନ୍ତୀ

ଢେଙ୍କାନାଳ ଜିଲା ବିଶ୍ୱ ପ୍ରସିଦ୍ଧ ମହିମା ଧର୍ମର ପୀଠ ମହିମାଗାଦି ଯୋରନ୍ଦାଠାରେ ଗୁରୁବାର ସନ୍ଥକବି ଭୀମ ଭୋଇଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। କୌପୀନଧାରୀ ମହିମା ସମାଜ ପକ୍ଷରୁ ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ସନ୍ଥ ଭୀମ ଭୋଇଙ୍କ ପ୍ରତିମୂର୍ତ୍ତି ଚତୁଃପାର୍ଶ୍ୱରେ ଗୋମୟ ଓ ଚନ୍ଦନ ପାଣି ପକାଯାଇ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହ ବିଶ୍ୱ କଲ୍ୟାଣ ପାଇଁ ୫ଟି ଅଖଣ୍ଡବତୀ ପ୍ରଜ୍ୱଳନ କରାଯାଇଥିଲା। ଏହାପରେ ସାଧୁ, ସନ୍ଥ ଓ ଶ୍ରଦ୍ଧାଳୁଙ୍କ ଏକ ଶୋଭାଯାତ୍ରା ନାଟିମା ବଜାର ଓ ବସ୍‌ଷ୍ଟାଣ୍ଡ ହୋଇ କୌପୀନଧାରୀ ମହିମା ସମାଜର ସଭା ମଣ୍ଡପକୁ ଆସିଥିଲା। ସେଠାରେ ସ୍ୱରଚିତ କବିତା ପାଠୋତ୍ସବ ହୋଇଥିଲା। ପରେ କୌପୀନଧାରୀ ମହିମା ସମାଜର ଧର୍ମାଧ୍ୟକ୍ଷ ଶ୍ରୀମଦ୍ ରଘୁନାଥ ବାବାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବିଶିଷ୍ଟ ମହିମା ଗବେଷକ ଡ. ଉଦ୍ଧବ ଚରଣ ନାୟକ, ସନ୍ଥକବି ଭୀମ ଭୋଇଙ୍କ ରଚନାବଳୀରେ ମହିମା ସମାଜ ସମୃଦ୍ଧ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ମହିମା ଜ୍ୟୋତିଯାତ୍ରା ସଂଯୋଜକ ଅଧ୍ୟାପକ ପ୍ରଦ୍ୟୁମ୍ନ ରଥ ଯୋଗଦେଇ କହିଲେ, ଭୀମ ଭୋଇଙ୍କ ରଚନାରେ ସର୍ବତ୍ର ପରିଦର୍ଶନ ଓ ଜିବେ ସମଭାବ ପ୍ରତିଫଳିତ ହୋଇଛି। ଅନ୍ୟ ଆଲୋଚକ ମାନଙ୍କ ମଧ୍ୟରେ ଶିକ୍ଷାବିତ୍ ବିଭୂତି ଭୂଷଣ ବିଶ୍ୱାଳ, ଶତ୍ରୁଘ୍ନ ସାହୁ, ହରିହର ସାହୁ, ଚକ୍ରଧର ତରାଇ ଓ ନେତ୍ରାନନ୍ଦ ରାଉତ ନିଜସ୍ୱ ମତ ଉପସ୍ଥାପନ କରିଥିଲେ। ମହିମା ଜ୍ୟୋତି ପତ୍ରିକାର ସମ୍ପାଦକ ବିରଞ୍ଚି ନାରାୟଣ ହୋତାଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ବହୁ କବି କବିତା ପାଠ କରିଥିଲେ। କୌପୀନଧାରୀ ମହିମା ସମାଜ ସମ୍ପାଦକ ସୁଶାନ୍ତ ବାବା ପରିଚାଳନା କରିଥିଲେ। ଜ୍ଞାନୀ ବାବା, ସଞ୍ଜୟ ବାବା, ଆଦିକନ୍ଦ ବାବା, ସହଦେବ ଦାସ ଓ ଉମେଶ ଦାସ ପ୍ରମୁଖ ସାମିଲ ହୋଇଥିଲେ। ତପୋବନ ପତ୍ରିକାର ସମ୍ପାଦକ ପ୍ରଶାନ୍ତ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ମାତ୍ରାଧିକ ମଦ ଚାଲାଣ ଅଭିଯୋଗ

**ବଇଣ୍ଡା,୨୩।୫(ପରିକ୍ଷିତ ସାହୁ)**

ଶନିବାର ନିର୍ବାଚନ ଥିବାବେଳେ ଗୁରୁବାର ଅପରାହ୍ନ ସମୟରେ ହଣ୍ଡପା ଥାନା ବଇଣ୍ଡା ତଥା ଆଖପାଖ ଅଞ୍ଚଳକୁ ବ୍ୟାପକ ଚୋରା ବିଦେଶୀ ମଦ ଚାଲାଣ କରାଯାଇଥିବା ଅଭିଯୋଗ ହୋଇଛି। ବିଶେଷକରି ମଦ ଦୋକାନ ନିର୍ବାଚନ ପାଇଁ ବନ୍ଦ ରଖିବାକୁ ନିର୍ଦ୍ଦେଶ ଥିବାବେଳେ ଆଗୁଆ ମଦ ବ୍ୟାବସାୟୀ ବ୍ୟାପକ ମଦ ନେଇ ଗୁପ୍ତ ସ୍ଥାନରେ ଗଚ୍ଛିତ କରି ରଖିଛନ୍ତି। ବିଶେଷ କରି ବଇଣ୍ଡାଠାରେ ଥିବା ବିଦେଶୀ ମଦ ବ୍ୟବସାୟୀର କେତେଜଣ କର୍ମଚାରୀ ଗୋଟିଏ ବାଇକ ଯୋଗେ ପେଟି ପେଟି ମଦ ଗ୍ରାମାଞ୍ଚଳ ଅଞ୍ଚଳକୁ ଚାଲାଣ କରିଥିଲେ ମଧ୍ୟ ବଇଣ୍ଡା ଫାଣ୍ଡି ପୋଲିସ ଏହାର ସୁରାକ ପାଇ ପାରି ନ ଥିଲା। ଯାହାକି ନିର୍ବାଚନ ସମୟରେ ମଦ ଗୁଡିକ ଦୁଇ ଗୁଣରେ ବିକ୍ରି ହେବ ବୋଲି କେତେଜଣ ମଦ ବ୍ୟବସାୟୀ ନିଜ ନାମ ଗୋପନ ରଖି ପ୍ରକାଶ କରିଛନ୍ତି। ବଇଣ୍ଡା ଫାଣ୍ଡି ପୋଲିସ ଠିକ ଭାବେ ଚଢାଉ କରୁନଥିବା ସହ କିଛି ପୋଲିସ କର୍ମଚାରୀ ମଦ ମାଫିଆଙ୍କଠାରୁ ପ୍ରତ୍ୟେକ ମାସରେ ୫ ହଜାର ଟଙ୍କା ଲେଖାଏ ହାତ ଗୁଞ୍ଜା ଆଣୁଥିବା ଅଭିଯୋଗ ହୋଇଛି। ତୁରନ୍ତ ଏଥିପ୍ରତି ଅନୁଗୋଳ ଏସପି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

# ଟାଟା ଷ୍ଟିଲ୍ ପକ୍ଷରୁ ଅନ୍ତର୍ଜାତୀୟ ଜୈବ ବିବିଧତା ଦିବସ


ଟାଟାଷ୍ଟିଲ ପକ୍ଷରୁ ଅନ୍ତର୍ଜାତୀୟ ଜୈବ ବିବିଧତା ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥିଙ୍କ ସମେତ ଅନ୍ୟମାନେ।

**ଢେଙ୍କାନାଳ,୨୩।୫(ରତନ ନାୟାର)**

ଢେଙ୍କାନାଳ ଟାଟାଷ୍ଟିଲ ମେରାମଣ୍ଡଳୀ(ଟିଏସ୍‌ଏମ୍) ପରିବେଶ ପରିଚାଳନା ବିଭାଗ ପକ୍ଷରୁ ଅନ୍ତର୍ଜାତୀୟ ଜୈବ ବିବିଧତା ଦିବସ ବୁଧବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଚଳିତବର୍ଷର ବିଷୟବସ୍ତୁ 'ଯୋଜନାର ଅଂଶ ହୁଅ' ଶୀର୍ଷକ ଆଲୋଚନାଚକ୍ର କମ୍ପାନୀର ହାଉସିଂ କଲୋନିସ୍ଥିତ କିସିଣ୍ଡା କ୍ଲବରେ ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଟିଏସ୍‌ଏମ୍‌ର ସେୟାର୍ଡ ସର୍ଭିସେସ୍ ମୁଖ୍ୟ ବେଦ ପ୍ରକାଶ ଠାକୁର ଯୋଗଦେଇ ଅଂଶଗ୍ରହଣକାରୀଙ୍କୁ ଅଞ୍ଚଳରେ ଜୈବ ବିବିଧତା ସଂରକ୍ଷଣ ତଥା ପ୍ରୋତ୍ସାହନ କରିବାରେ ସମସ୍ତଙ୍କୁ ଅଂଶଗ୍ରହଣ କରିବାକୁ ଉତ୍ସାହିତ କରିଥିଲେ। ବିଶ୍ୱ ପରିବେଶ ଦିବସ ତଥା ଟାଟା ଦୀର୍ଘସ୍ଥାୟିତ୍ୱ ମାସ ପାଳନ ପାଇଁ ଟାଟାଷ୍ଟିଲ ମେରାମଣ୍ଡଳୀ ଦ୍ୱାରା ଆୟୋଜନ କରାଉଥିବା କାର୍ଯ୍ୟକ୍ରମ ବିଷୟରେ ଟିଏମ୍‌ସିର ପରିବେଶ ମୁଖ୍ୟ ଅନୂପ ଶ୍ରୀବାସ୍ତବ ସୂଚନା ଦେଇଥିଲେ। ବରିଷ୍ଠ ପରିବେଶ ଯନ୍ତ୍ରୀ ଦିଲୀପ କୁମାର ଦାସ ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ର ବୋର୍ଡ ଓଡିଶାର ଆଇନ ପରାମର୍ଶଦାତା ଭଗତ ପ୍ରସାଦ ପାଟ୍ଟଯୋଶୀ 'ଓଡିଶାର ବାୟୁ ଗୁଣବତା ପରିଚାଳନା ଦୃଶ୍ୟ ଏବଂ ନାଗରିକଙ୍କ ଭୂମିକା' ଏବଂ ପରିବେଶ ଆଇନ ଏବଂ ନିୟାମକ ଦାୟିତ୍ୱ ଶୀର୍ଷକ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଟିଏସ୍‌ଏମ୍‌ର ୧୦୦ରୁ ଅଧିକ କର୍ମଚାରୀଙ୍କ ସମେତ ସମସ୍ତ ଅଂଶଗ୍ରହଣକାରୀ 'ମିଶନ ଲାଇଫ୍' ଉପରେ ଶପଥ ନେଇଥିଲେ। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅନୁଗୋଳ ଆଞ୍ଚଳିକ କାର୍ଯ୍ୟାଳୟର ବବି ବେହେରା ଓ ସୌମ୍ୟରଞ୍ଜନ କୁମାର, ଟିଏସ୍‌ଏମ୍‌ର ପରିବେଶ ମୁଖ୍ୟ ସଞ୍ଜିବ କୁମାର ପାଲଙ୍କ ସମେତ ଟିଏସ୍‌ଏମ୍‌ର ପରିବେଶ ପରିଚାଳନା ବିଭାଗର ସନ୍ତୋଷ ପାଟ୍ଟଯୋଶୀ, ନୃସିମା ଥାରାଙ୍କ ସମେତ ଟିମ୍‌ର ସଦସ୍ୟମାନେ ଉପସ୍ଥିତ ଥିଲେ।

# ଗନ୍ତବ୍ୟ ସ୍ଥଳକୁ ଗଲେ ପୋଲିଂ ପାର୍ଟି

**ଢେଙ୍କାନାଳ,୨୩।୫(ରତନ ନାୟାର)**


ପୋଲିଂ ଦଳ ପୋଲିଂ ସାମଗ୍ରୀ ନେଇ ନିଜ ନିଜର ବୁଥକୁ ଯାଉଛନ୍ତି

ଢେଙ୍କାନାଳ ଜିଲା ହିନ୍ଦୋଳ ଓ ପରଜଙ୍ଗ ବିଧାନସଭା ନିର୍ବାଚନ ମଣ୍ଡଳୀରେ ପୋଲିଂ ପାର୍ଟି ଗୁରୁବାର ନିଜ ନିଜର ବୁଥ୍‌କୁ ଯାଇ ପହଞ୍ଚିଛନ୍ତି। ପୋଲିଂ ଦଳ ଭୋଟ ଗ୍ରହଣ ପାଇଁ ସମସ୍ତ ଉପକରଣ ସହ ପୋଲିସ କର୍ମଚାରୀଙ୍କ ସମେତ ବୁଥରେ ପହଞ୍ଚିଛନ୍ତି। ଏଥିନିମନ୍ତେ ଗୁରୁବାର ସକାଳେ ହିନ୍ଦୋଳ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଓ କାମାକ୍ଷାନଗର ଉପଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ପୋଲିଂ ଦଳଙ୍କୁ ନିଜ ନିଜର ବୁଥ୍‌କୁ ପଠାଯାଇଥିଲା। ଢେଙ୍କାନାଳ ଓ କାମାକ୍ଷାନଗର ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଶୁକ୍ରବାର ପୋଲିଂ ଦଳଙ୍କୁ ଭୋଟଗ୍ରହଣ ସାମଗ୍ରୀ ସହ ନିଜ ନିଜର ବୁଥକୁ ପଠାଯିବ ବୋଲି ସୂଚନା ମିଳିଛି।

# ଅନ୍ତିମ ଦିବସରେ କଂଗ୍ରେସର ଶୋଭାଯାତ୍ରା

**ଢେଙ୍କାନାଳ,୨୩।୫(ରତନ ନାୟାର)**


କଂଗ୍ରେସ ଏମ୍‌ପି ପ୍ରାର୍ଥୀ ସସ୍ମିତା ବେହେରା ପ୍ରଚାର କରୁଛନ୍ତି।

ଢେଙ୍କାନାଳ ସହରରେ ପ୍ରଚାରର ଅନ୍ତିମ ଦିବସରେ ଗୁରୁବାର ଅପରାହ୍ନରେ କଂଗ୍ରେସ ପକ୍ଷରୁ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। କଂଗ୍ରେସ ଏମ୍‌ପି ପ୍ରାର୍ଥୀ ସସ୍ମିତା ବେହେରା ଶୋଭାଯାତ୍ରାରେ ସାମିଲ ହୋଇ ଲୋକମାନଙ୍କ ଆଶୀର୍ବାଦ କାମନା କରିଥିଲେ। ଏହି ଶୋଭାଯାତ୍ରାରେ ସସ୍ମିତାଙ୍କ ସହିତ ରାଜ୍ୟ ମହିଳା କଂଗ୍ରେସ ସଭାପତି ମୀନାକ୍ଷୀ ବାହିନୀପତି, ସମ୍ପାଦକ ମଞ୍ଜୁଶ୍ରୀ ମିଶ୍ର, ପିସିସି ସମ୍ପାଦିକା ଶିଳ୍ପୀଶ୍ରୀ ହରିଚନ୍ଦନ, ଜିଲା ସଭାପତି ସୁନିଲ ଦାଶ, ପର୍ଯ୍ୟବେକ୍ଷକ ବାଙ୍କ ବିହାରୀ ବେହେରା, ଜିଲା ମହିଳା କଂଗ୍ରେସ ସଭାପତି ସ୍ମିତାରାଣୀ ସାମଲ, ଜିଲା କଂଗ୍ରେସ ଉପସଭାପତି ବେଣୁଧର ସାହୁ, ପ୍ରଚାର କମିଟି ଅଧ୍ୟକ୍ଷ ନିର୍ମଳ ମିଶ୍ରଙ୍କ ସମେତ କଂଗ୍ରେସ ନେତୃବୃନ୍ଦ ସାମିଲ ହୋଇଥିଲେ। ଗାନ୍ଧୀମନ୍ଦିରଠାରୁ ଏହି ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ବାଜିଚୌକ ପର୍ଯ୍ୟନ୍ତ ଯାଇଥିଲା।

# ବିଜେଡିର ବିଶାଳ ଶୋଭାଯାତ୍ରା: ସାମିଲ ହେଲେ ବାବୁସାନ୍, ଏଲିନା, ସ୍ୱପ୍ନା

**ଢେଙ୍କାନାଳ,୨୩।୫(ରତନ ନାୟାର)**


ବିଜେଡିର ଷ୍ଟାର ପ୍ରଚାରକ ଗହଣରେ ଏମ୍‌ପି ପ୍ରାର୍ଥୀ ଡା. ଅବିନାଶ ସାମଲ ଓ ବିଧାୟକ ପ୍ରାର୍ଥୀ ସୁଧିର କୁମାର ସାମଲ।

ଦିନକ ପରେ ନିର୍ବାଚନ। ଚଳିତ ନିର୍ବାଚନ ପାଇଁ ଗୁରୁବାର ଥିଲା ପ୍ରଚାରର ଅନ୍ତିମ ଦିବସ। ସନ୍ଧ୍ୟା ୬ଟା ମଧ୍ୟରେ ସମସ୍ତ ଦଳ ଓ ପ୍ରାର୍ଥୀମାନଙ୍କର ନିର୍ବାଚନ ପ୍ରଚାର ଶେଷ ହୋଇଛି। ଅନ୍ତିମ ଦିବସରେ ବିଜେଡି ପକ୍ଷରୁ ଢେଙ୍କାନାଳ ସହରସ୍ଥିତ ବାଜିଚୌକଠାରୁ ରଥଗଡା ପର୍ଯ୍ୟନ୍ତ ଏକ ବିଶାଳ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ବିଜେଡି ଏମ୍‌ପି ପ୍ରାର୍ଥୀ ଡା. ଅବିନାଶ ସାମଲ, ଢେଙ୍କାନାଳ ବିଧାନସଭା ଆସନ ପ୍ରାର୍ଥୀ ତଥା ବିଧାୟକ ସୁଧିର କୁମାର ସାମଲ ଏହି ଶୋଭାଯାତ୍ରାରେ ସାମିଲ ହୋଇ ଜନସାଧାରଣଙ୍କ ଆଶୀର୍ବାଦ କାମନା କରିଥିଲେ। ତାଙ୍କ ସହିତ ଏହି ଶୋଭାଯାତ୍ରାରେ ଓଡିଆ ଚଳଚ୍ଚିତ୍ର ଅଭିନେତା ବାବୁସାନ, ଅଭିନେତ୍ରୀ ଏଲିନା ଓ ସ୍ୱପ୍ନା ପ୍ରିୟଦର୍ଶିନୀ ପ୍ରମୁଖ ସାମିଲ ହୋଇଥିଲେ। ବାଦ୍ୟ ସଙ୍ଗୀତର ତାଳେତାଳେ ବହୁ ସଂଖ୍ୟାରେ ମହିଳା ଓ ସମର୍ଥକମାନେ ଏକ ବିରାଟ ଶୋଭାଯାତ୍ରାରେ ସହରସ୍ଥିତ ବାଜିଚୌକଠାରୁ ବାହାରି ରଥଗଡା ପର୍ଯ୍ୟନ୍ତ ଯାଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଜନ କଲ୍ୟାଣକାରୀ ଯୋଜନା ଗୁଡିକ ଉପରେ ଉଭୟେ ବିଜେଡି ଏମ୍‌ପି ପ୍ରାର୍ଥୀ ଡା. ଅବିନାଶ ସାମଲ ଓ ବିଧାୟକ ପ୍ରାର୍ଥୀ ସୁଧିର କୁମାର ସାମଲ ଲୋକମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏହି ଶୋଭାଯାତ୍ରାରେ ଜିଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ, ପୌର ଉପାଧ୍ୟକ୍ଷ ପ୍ରକାଶଚନ୍ଦ୍ର କୁଅଁର, ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ଦେବୀ ପ୍ରସାଦ ଭୁଟିଆ, ଉପସଭାପତି ସୁକାନ୍ତ ମିଶ୍ର, ଅଭିମନ୍ୟୁ ପଣ୍ଡା, ସାଧାରଣ ସମ୍ପାଦକ ଦେବାଶିଷ ମିଶ୍ର, ଟାଉନ ବିଜେଡି ସଭାପତି ବିନୋଦ ମହାନ୍ତି, ରାଜ୍ୟ ମହିଳା ବିଜେଡି ଉପସଭାପତି ସାଇଶ୍ରୀ ପଟ୍ଟନାୟକ, ଜଗଦୀଶ ସାମଲ, ଶ୍ରୀକାନ୍ତ ଧଳ, ଦୀପକ ମିଶ୍ର, ସନ୍ଦିପ ଷଡଙ୍ଗୀ, ସାଗିର ମହମ୍ମଦଙ୍କ ସମେତ ବହୁ ନେତୃବୃନ୍ଦ ଓ କର୍ମକର୍ତ୍ତା ଯୋଗ ଦେଇଥିଲେ।

# ଜିଲାରେ ୮୭ ସମ୍ବେଦନଶୀଳ ବୁଥ୍

ଅନୁଗୋଳ,୨୩।୫(ଅମିତ ସାମଲ)

**ନିର୍ବାଚନ ପାଇଁ ପୋଲିସର ପ୍ରସ୍ତୁତି ଶେଷ**
- ୧୧୬୩ ବୁଥ୍‌ରେ ହେବ ମତଦାନ
- ଷ୍ଟ୍ରଙ୍ଗ୍‌ରୁମ ପାଇଁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ
- ପଇଁତରା ମାରିବେ ପୋଲିସ

ଆସନ୍ତା ୨୫ ତାରିଖରେ ଅନୁଗୋଳ ଜିଲାରେ ସାଧାରଣ ନିର୍ବାଚନ ପାଇଁ ମତଦାନ ଅନୁଷ୍ଠିତ ହେବ। ଏନେଇ ଗୁରୁବାର ସନ୍ଧ୍ୟାରେ ପ୍ରଚାର ଶେଷ ହୋଇଛି। ପ୍ରଚାର ଶେଷ ହେବା ପରେ ନିର୍ବାଚନକୁ ଶାନ୍ତିଶୃଙ୍ଖଳାରେ ପରିଚାଳନା କରିବାକୁ ଅନୁଗୋଳ ଜିଲା ପୋଲିସ ପକ୍ଷରୁ ପ୍ରସ୍ତୁତି ମଧ୍ୟ ଶେଷ ହୋଇଛି। ନିର୍ବାଚନ ସମୟରେ ପୋଲିସ କିଭଳି ଭାବେ ଅସୁବିଧାରେ ପଡ଼ିଥିବା ଲୋକଙ୍କୁ ସହଯୋଗ କରିବା ସହ ନିଜ କାର୍ଯ୍ୟକୁ ସମ୍ପୂର୍ଣ୍ଣ ଭାବେ ସ୍ୱଚ୍ଛତାର ସହ ପରିଚାଳିତ କରିବ ସେ ନେଇ ଜିଲା ପୋଲିସ ପକ୍ଷରୁ ସେମାନଙ୍କୁ ଅବଗତ କରାଯାଇଛି। ଏଥିସହ ଜିଲାରେ ୧୧୬୩ଟି ବୁଥ୍‌ରେ ମତଦାନ ଅନୁଷ୍ଠିତ ହେବ। ପାଲଲହଡ଼ା ନିର୍ବାଚନ ମଣ୍ଡଳୀରେ ୨୩୯ଟି ବୁଥ୍ ରହିଥିବାବେଳେ ତାଳଚେରରେ ୨୦୨, ଅନୁଗୋଳରେ ୨୪୬, ଛେଣ୍ଡିପଦାରେ ୨୨୭ ବୁଥ୍ ଏବଂ ଆଠମଲ୍ଲିକରେ ୨୪୯ଟି ବୁଥ୍ ରହିଛି। ଏହି ବୁଥ୍ ଗୁଡ଼ିକ ମଧ୍ୟରେ ୮୭ଟି ସମ୍ବେଦନଶୀଳ ବୁଥ୍ ରହିଛି। ମତଦାନ ପାଇଁ ହୋଇଥିବା ୪ଟି ଷ୍ଟ୍ରଙ୍ଗ୍‌ରୁମ ପାଇଁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା ଜିଲା ପୋଲିସ ମୁଖ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରତି ଷ୍ଟ୍ରଙ୍ଗ ରୁମ୍ ପାଇଁ ଗୋଟିଏ ଲେଖାଏଁ ପୋଲିସ କଣ୍ଟ୍ରୋଲ ରୁମ୍ କରାଯିବା ସହ ମତଦାନ କେନ୍ଦ୍ରକୁ ଯାଉଥିବା ପୋଲିଂ ଅଧିକାରୀଙ୍କ ସହ ଗୋଟିଏ ଲେଖାଏଁ ପୋଲିସ ଟିମ୍ ମଧ୍ୟ ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଛି।

ସେହିପରି ଜିଲାରେ ୯୯ଟି ମୋବାଇଲ ପୋଲିସ ପାର୍ଟି ପଇଁତରା ମାରିବେ। ଜିଲାର ୧୨ଟି ସ୍ଥାନରେ ବର୍ଡ଼ର ଚେକ୍ ପୋଷ୍ଟ ୩ଟି ସିଫ୍ଟରେ କରାଯାଇଛି। ସମ୍ପୂର୍ଣ୍ଣ ନିର୍ବାଚନ ପରିଚାଳନା କରିବାକୁ ୨୫ ଜଣ ସେକ୍ଟର ଅଧିକାରୀ ମଧ୍ୟ ନିୟୋଜିତ ହୋଇଛନ୍ତି। ୧୦ଟି ଜୋନ୍‌ରେ ଜିଲାରେ ଥିବା ୧୧୬୩ ବୁଥ୍‌କୁ ଭାଗ କରାଯାଇଛି। ପ୍ରତି ଜୋନ୍‌ରେ ଜଣେ ଡିଏସ୍‌ପିସ୍ତରୀୟ ଅଧିକାରୀ ଜୋନାଲ୍ ଅଧିକାରୀ ଭାବେ ନିୟୋଜିତ କରାଯାଇଛି। ସେହିଭଳି ସୁପରଭିଜନ ଅଧିକାରୀ ଭାବେ ୪ ଜଣ ଆଡିସିନାଲ ଏସ୍‌ପିଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ପ୍ରତି ଥାନା ଅଞ୍ଚଳରେ ଜଣେ ଲେଖାଏଁ ସେକ୍ସନ ଅଧିକାରୀଙ୍କ ସହ ଷ୍ଟ୍ରାଇକିଂ ଫୋର୍ସ ମଧ୍ୟ ମୁତୟନ କରାଯିବ ବୋଲି ଜିଲା ପୋଲିସ ମୁଖ୍ୟାଳୟରୁ ସୂଚନା ପ୍ରଦାନ କରାଯାଇଛି। ସାଧାରଣ ନିର୍ବାଚନ ପାଇଁ ଜିଲାରେ ମୋଟ୍ ୬ ଜଣ ଅତିରିକ୍ତ ଏସ୍‌ପି, ୧୧ ଜଣ ଡିଏସ୍‌ପି, ୨୬ ଜଣ ଇନ୍‌ସପେକ୍ଟର, ୨୩୭ ଜଣ ଏସ୍‌ଆଇ ଓ ଏଏସ୍‌ଆଇସ୍ତରୀୟ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି। ଏଥିସହ ୧୪୪ ଜଣ ହାବିଲଦାର, ୯୧୮ ଜଣ କନ୍‌ଷ୍ଟେବଲ, ୬୧୪ ଜଣ ହୋମ୍‌ଗାର୍ଡ, ୨୫୬ ଜଣ ଗ୍ରାମରକ୍ଷୀ ଶାନ୍ତି ଶୃଙ୍ଖଳାରେ ନିର୍ବାଚନ ପରିଚାଳନା କରିବାକୁ ନିୟୋଜିତ ହୋଇଛନ୍ତି। ଏଥିସହ ୧୨ କମ୍ପାନୀ କେନ୍ଦ୍ରିୟ ଫୋର୍ସ ମୁତୟନ କରାଯାଇଥିବା ସହ ୩୭ ସେକ୍ସନ୍ ରାଜ୍ୟ ସଶସ୍ତ୍ର ପୋଲିସ ମଧ୍ୟ ନିର୍ବାଚନରେ ନିୟୋଜିତ ହୋଇଛନ୍ତି। କୌଣସି ସ୍ଥାନରେ ଅପ୍ରୀତିକର ପରିସ୍ଥିତି ଉପୁଜିଲେ ପୋଲିସ କଣ୍ଟ୍ରୋଲ ରୁମ୍ ନଂ. ୯୯୩୭୪୯୨୬୩୩ କିମ୍ବା ୦୬୭୬୪-୨୩୬୬୫କୁ ଫୋନ୍ କରି ଅବଗତ କରିବାକୁ ଜିଲା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ବିକାଶ ଦିଗରେ ବଢ଼ିବ ଅନୁଗୋଳ: ପ୍ରତାପ



ଢେଙ୍କାନାଳ ସଂସଦୀୟ କ୍ଷେତ୍ର ଅଧୀନରେ ଥିବା ଅନୁଗୋଳ ବିଧାନସଭା ନିର୍ବାଚନ ମଣ୍ଡଳୀରେ ସେ ଦୀର୍ଘ ବର୍ଷ ହେବ କାର୍ଯ୍ୟ କରିଆସୁଛନ୍ତି। ଆଗକୁ ଲୋକଙ୍କ ସେବାରେ ସମର୍ପିତ ହୋଇ ରହିବେ ବୋଲି ଅନୁଗୋଳର ଯୁବନେତା ପ୍ରତାପ ଚନ୍ଦ୍ର ପ୍ରଧାନ କହିଛନ୍ତି। ୨୦୧୯ ନିର୍ବାଚନରେ ଅନୁଗୋଳ ବିଧାନସଭା କ୍ଷେତ୍ରରୁ ସେ ଅଳ୍ପ ଭୋଟ ବ୍ୟବଧାନରେ ପରାଜିତ ହୋଇଥିଲେ ହେଁ ସେ ୫ ବର୍ଷ ହେବ ଲୋକଙ୍କ ସୁଖ ଦୁଃଖର ସାଥୀ ହୋଇ ରହିଛନ୍ତି। ନିଜ ସଙ୍ଗଠନକୁ ମଜଭୁତ୍ କରିବାକୁ ଦିନ ରାତି ଏକ କରି ନିର୍ବାଚନ କ୍ଷେତ୍ରରେ କେବଳ ନିଜର ବଳ ବଢ଼ାଇନାହାଁନ୍ତି, ବରଂ ଦଳର ଶକ୍ତିକୁ ମଧ୍ୟ ବଢ଼ାଇଛନ୍ତି। ଫଳରେ ଭାଜପା ପ୍ରତାପଙ୍କୁ ପୁନର୍ବାର ଭରସା କରି ଟିକେଟ୍ ପ୍ରଦାନ କରିଛି। ତେବେ ଅନୁଗୋଳବାସୀ ଥରେ ସେବା କରିବାକୁ ସୁଯୋଗ ଦେଲେ ବିକାଶ ଦିଗରେ କାର୍ଯ୍ୟ କରିବେ ବୋଲି ସେ ପ୍ରତିଶ୍ରୁତିବଦ୍ଧ ହୋଇଥିବା ଏକ ସାକ୍ଷାତକାରରେ କହିଛନ୍ତି।

**ପ୍ରଶ୍ନ- ନିର୍ବାଚନୀ ପ୍ରସଙ୍ଗ କ'ଣ ରହିଛି ?**

**ଉତ୍ତର-** ପରିବାରବାଦ୍ ରାଜନୀତି ପାଇଁ ଅନୁଗୋଳ ବିଧାନସଭା କ୍ଷେତ୍ରରେ ଉନ୍ନତି ହୋଇପାରୁ ନାହିଁ। କେବଳ ମିଛ ପ୍ରତିଶ୍ରୁତି ଭୋଟରଙ୍କୁ ମିଳୁଛି। ଗ୍ରାମାଞ୍ଚଳଠାରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ଏବେ ବି ବିକାଶ ଦୂରରେ ରହିଛି। ବନ୍ତଳାର ହିଡ଼ସିଙ୍ଗ ଜଳସେଚନ ପ୍ରକଳ୍ପ ସହ ଦମକଳକେନ୍ଦ୍ର ନିର୍ମାଣ କରିବାକୁ ଶତପ୍ରତିଶତ ଉଦ୍ୟମ କରିବି। ହାତୀ ମଣିଷ ଲଢ଼େଇରେ ଧନଜୀବନ କ୍ଷୟକ୍ଷତି ହେବା ସହ ଅକାଳରେ ଲୋକଙ୍କ ଜୀବନ ଚାଲିଯାଉଛି। ଏଥିରୁ ଲୋକମାନେ କିଭଳି ଭାବେ ତ୍ରାହି ପାଇବେ ସେନେଇ ଗୁରୁତ୍ୱ ଦେବି। ଏଥିସହ ଯୁବଗୋଷ୍ଠୀଙ୍କୁ ରୋଜଗାରକ୍ଷମ କରିବା ଦିଗରେ କାର୍ଯ୍ୟ ମଧ୍ୟ କରିବି। ସ୍ୱଚ୍ଛ ଅନୁଗୋଳ ସହ ଦୁର୍ନୀତିମୁକ୍ତ ଅନୁଗୋଳ ଗଢ଼ିତୋଳିବା ପାଇଁ ମୋର ଶତ ପ୍ରତିଶତ ଉଦ୍ୟମ ରହିବ।

**ପ୍ରଶ୍ନ- ଭୋଟରଙ୍କୁ ନିଜ ସପକ୍ଷରେ କ'ଣ କହିବାକୁ ଚାହୁଁଛନ୍ତି?**

**ଉତ୍ତର-** ଲୋକଙ୍କ ଅଭିଯୋଗକୁ ପ୍ରାଧାନ୍ୟ ଦେବି। ଯେଭଳି ଅନୁଗୋଳରେ କୌଣସି ସମସ୍ୟା ନ ରହିବ ସେଥିପ୍ରତି ଧ୍ୟାନ ଦେବି। ଅନୁଗୋଳର ବିକାଶ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିବି। ଗମନାଗମନରୁ ଆରମ୍ଭ କରି ପାନୀୟଜଳ, ସ୍ୱାସ୍ଥ୍ୟ ଓ ଶିକ୍ଷା ଉପରେ ଗୁରୁତ୍ୱ ପ୍ରଦାନ କରିବି ।

**ପ୍ରଶ୍ନ- ମତଦାତାଙ୍କୁ କ'ଣ ସବୁ ପ୍ରତିଶ୍ରୁତି ଦେବେ?**

**ଉତ୍ତର-** ଶାସନରେ ନ ଥାଇ ମଧ୍ୟ ଲୋକଙ୍କ ନିକଟରେ ରହିଛି। ଆଉ ଲୋକଙ୍କର ସମସ୍ୟା କ'ଣ ଭଲ ଭାବେ ଜାଣିଛି। ମୋ ବିଧାନସଭା କ୍ଷେତ୍ରରେ ଚାଷ କାର୍ଯ୍ୟ ଉପରେ ଲୋକମାନେ ଅଧିକ ନିର୍ଭରଶୀଳ। ଏହି ଅଞ୍ଚଳକୁ ପ୍ରଥମେ ଶସ୍ୟ ଶ୍ୟାମଳା କରିବାକୁ ଚେଷ୍ଟା କରିବି। କେବଳ ସେତିକି ନୁହେଁ, ଶିଳ୍ପାନୁଷ୍ଠାନରେ କିଭଳି ଅଧିକ ନିଯୁକ୍ତି ଯୁବଗୋଷ୍ଠୀ ପାଇବେ ସେଦିଗରେ ମଧ୍ୟ କାର୍ଯ୍ୟ କରିବି।

**ପ୍ରଶ୍ନ- ଭୋଟର କାହିଁକି ଆପଣଙ୍କୁ ସମର୍ଥନ କରିବେ ବୋଲି ଭାବୁଛନ୍ତି ?**

**ଉତ୍ତର-** ଲୋକମାନେ ସ୍ୱତଃପ୍ରବୃତ୍ତ ଭାବେ ମତେ ସମର୍ଥନ କରୁଛନ୍ତି। ପରିବାରବାଦ୍ ରାଜନୀତିରେ ଲୋକେ ଅତିଷ୍ଠ ହୋଇସାରିଛନ୍ତି। ଏଭଳି କି ମୁଁ କୌଣସି ପଦ ପଦବୀରେ ନ ଥିଲେ ମଧ୍ୟ ଲୋକଙ୍କ ନିକଟରେ ଛିଡ଼ା ହୋଇଛି। ସେମାନଙ୍କ ଭଲ ମନ୍ଦ ବୁଝିବା ସହ ଯଥାସମ୍ଭବ ସହଯୋଗର ହାତ ବଢ଼ାଇଛି। ଭାଜପାର ବିକାଶମୂଳକ କାର୍ଯ୍ୟ ସହ ସ୍ୱଚ୍ଛ ଭାବମୂର୍ତ୍ତି ଓ ଲୋକ ସମ୍ପର୍କ ପାଇଁ ମୋତେ ବହୁ ସଂଖ୍ୟାରେ ଭୋଟ ଦେଇ ସମର୍ଥନ କରିବେ ବୋଲି ଆଶା ରଖିଛି।

**ପ୍ରଶ୍ନ- ଆପଣଙ୍କ ସହ କାହାର ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି ଭାବୁଛନ୍ତି ?**

**ଉତ୍ତର-** ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସି ଅନୁଗୋଳ ବିଧାନସଭା କ୍ଷେତ୍ରରେ ନିର୍ବାଚନ ପ୍ରଚାର କରି ଯାଇଛନ୍ତି। ଏହା ଯୁବ ଭୋଟରଙ୍କୁ ଆକୃଷ୍ଟ କରିଛି। କେବଳ ଯୁବଗୋଷ୍ଠୀ ନୁହେଁ ଢେଙ୍କାନାଳ ଓ ସମ୍ବଲପୁର ଲୋକସଭା କ୍ଷେତ୍ରରେ ମଧ୍ୟ ଏହାର ପ୍ରଭାବ ପଡ଼ିବ। ମୋଦିଙ୍କ ଗସ୍ତ ପରେ ଭାଜପା କ୍ୟାମ୍ପରେ ଉତ୍ସାହ ଖେଳିଯାଇଛି। ଫଳରେ ମୋର ପ୍ରତିଦ୍ୱନ୍ଦ୍ୱୀ ଏବେ ସେଭଳି କେହି ନାହାନ୍ତି। ରାଜ୍ୟରେ ଭାଜପା ସରକାର ଗଢ଼ିବା ସହ କେନ୍ଦ୍ରରେ ମୋଦି ସରକାର ହେଲେ ଆଗକୁ ଅନୁଗୋଳର ବିକାଶର ପେଣ୍ଠସ୍ଥଳୀ ହେବ। ବିକାଶ ଦିଗରେ ଅନୁଗୋଳ ବଢ଼ିବ। ତେଣୁ ମୁଁ ଚଳିତ ଥର ୫୦ ହଜାର ଭୋଟ ବ୍ୟବଧାନରେ ବିଜୟୀ ହେବି।

-ସାକ୍ଷାତକାର, ଅମିତ ସାମଲ ଅନୁଗୋଳ

# ଶେଷଦିନରେ ଘର ଘର ବୁଲି ଭୋଟ ମାଗିଲେ ନଳିନୀ



ବଇଣ୍ଡା,୨୩।୫(ପରିକ୍ଷିତ ସାହୁ)

ଗୁରୁବାର ଆଠମଲ୍ଲିକ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ପ୍ରଚାରର ଶେଷ ଦିନ ଥିବାବେଳେ ବିଜେଡି ପକ୍ଷରୁ ଜୋରଦାର ପ୍ରଚାର କରାଯାଇଛି। ଆଠମଲ୍ଲିକ ବ୍ଲକର ସାନହୁଲା, କୁର୍ତିବାସପୁର, ବାଲିପଟା, ବରପଦର, ମନ୍ଦରବାହଳ, ଗୁଣ୍ଡୁରୀ ଖଳି, କୁରୁମଟାପ, କମ୍ପଲା ଆଦି ଅଞ୍ଚଳରେ ବିଜେଡି ପକ୍ଷରୁ ଜୋରଦାର ପ୍ରଚାର କରାଯାଇଛି। ବିଧାୟକ ପ୍ରାର୍ଥୀ ନଳିନୀକାନ୍ତ ପ୍ରଧାନ ଯୋଗଦେଇ ପ୍ରତ୍ୟେକ ଘର ଘର ବୁଲି ପ୍ରଚାର କରିବା ସହ ଯୋଡି ଶଙ୍ଖରେ ଭୋଟ ଦେବାକୁ ଅନୁରୋଧ କରିଥିଲେ। ଏଥିସହ ନବୀନ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇଥିଲେ। ବିଜେଡି ସରକାରଙ୍କ ଅମଳରେ ବହୁ ବିକାଶ ହୋଇଛି। ଆଗକୁ ମଧ୍ୟ ଅନେକ ବିକାଶ ହେବ। ବିଜେଡି ସରକାର ଗଠନ ହେଲେ ମାଗଣା ବିଜୁଳି ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ନଳିନୀ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଭାଗୀରଥି ପ୍ରଧାନ, କାଶୀନାଥ ସାହୁ, ଆରୁଣୀ ଆଚାର୍ଯ୍ୟ, ସଚିଦାନନ୍ଦ ପ୍ରଧାନ, ଅରୂପାନନ୍ଦ ଚାନ୍ଦଙ୍କ ସମେତ ବହୁ ବିଜେଡି ନେତା ଯୋଗ ଦେଇଥିଲେ।

## ଖେଳ ସାମଗ୍ରୀ ବ୍ୟାଗ ଜବତ କଲା ପୋଲିସ

ବଇଣ୍ଡା,୨୩।୫(ପରିକ୍ଷିତ ସାହୁ)

ହଣ୍ଡପା ଥାନା ପରଶୁମାଳ ଗ୍ରାମରେ ଏକ ଟିମ୍‌କୁ ବଣ୍ଟନ ହେବା ପାଇଁ ଆସିଥିବା ଖେଳ ସାମଗ୍ରୀ ବ୍ୟାଗକୁ ଗୁରୁବାର ସ୍ଥାନୀୟ ଅଞ୍ଚଳବାସୀ ଜବତ କରି ହଣ୍ଡପା ପୋଲିସ ଜିମା ଦେଇଛନ୍ତି। ହଣ୍ଡପା ପୋଲିସ ସହ ମାଜିଷ୍ଟ୍ରେଟଙ୍କ ଉପସ୍ଥିତରେ ଉକ୍ତ ବ୍ୟାଗ ଜବତ କରାଯାଇଛି। ଜବତ ବ୍ୟାଗରେ ବହୁ ଖେଳ ସାମଗ୍ରୀ ଥିବାବେଳେ ଏକ ଦଳୀୟ କାର୍ଡ ଥିବା ପୋଲିସ କହିଛି। ଘଟଣାରୁ ଜଣାପଡ଼ିଛି, ଉକ୍ତ ବ୍ୟାଗକୁ ନିର୍ବାଚନକୁ ଦୃଷ୍ଟିରେ ରଖି ଏକ ଟିମ୍‌କୁ ବଣ୍ଟନ ପାଇଁ ଆସିଥିବାବେଳେ କିଛି ଅନ୍ୟଦଳର କର୍ମୀ ଜାଣି ଆଠମଲ୍ଲିକ ନିର୍ବାଚନ ଅଧିକାରୀଙ୍କୁ ସୂଚନା ଦେଇଥିଲେ। ପରେ ହଣ୍ଡପା ପୋଲିସ ପହଞ୍ଚି ଉକ୍ତ ବ୍ୟାଗକୁ ଜଣଙ୍କ ଘରୁ ଜବତ କରିଥିଲା। ଏ ନେଇ ହଣ୍ଡପା ଆଇଆଇସି ନମିତା ନାୟକ କୁହନ୍ତି, ଉକ୍ତ ବ୍ୟାଗରୁ ଖେଳ ସାମଗ୍ରୀ ବାହାରିଛି।

# ସୀମାରାଣୀଙ୍କ ପାଇଁ ଭୋଟ ମାଗିଲେ ଅନୁଭବ

ଓଡ଼ାପଡ଼ା,୨୩।୫ (ରଞ୍ଜିତ ନାୟକ)



ହିନ୍ଦୋଳ ଭାଜପା ବିଧାୟିକା ପ୍ରାର୍ଥୀ ସୀମାରାଣୀ ନାୟକଙ୍କ ପାଇଁ ଗୁରୁବାର ଭୋଟ୍ ମାଗିଛନ୍ତି ଭାଜପା ଷ୍ଟାର ପ୍ରଚାରକ ଅନୁଭବ ମହାନ୍ତି, ଅଭିନେତ୍ରୀ ପ୍ରାଚୀ, ହାସ୍ୟ ଅଭିନେତା ଅମର ମହାପାତ୍ର। ଏକ ରୋଡ୍ ଶୋ କାର୍ଯ୍ୟକ୍ରମ କରି ସୀମାରାଣିଙ୍କ ପାଇଁ ଅନୁଭବ ଭୋଟ ଭିକ୍ଷା କରିଥିଲେ। ପ୍ରଥମେ ଅନୁଭବ ଏକ ହେଲିକପ୍ଟରରେ ଆସି ଓଡ଼ାପଡ଼ା ବ୍ଲକ ନିକଟରେ ଥିବା ଏକ ଖେଳ ପଡ଼ିଆରେ ଓହ୍ଲାଇଥିଲେ। ସେଠାରେ ଭାଜପା କର୍ମୀମାନେ ତାଙ୍କୁ ସ୍ୱାଗତ କରିବା ସହ ଏକ ଖୋଲା ଗାଡ଼ିରେ ଗୁଡିଆକାଟେଣି ଛକ ଦେଇ ହିନ୍ଦୋଳ ସାତମାଇଲି ଛକରେ ପହଞ୍ଚି ଥିଲେ। ସାତମାଇଲି ଛକରେ ଉପସ୍ଥିତ ବିଧାୟିକା ପ୍ରାର୍ଥିନୀ ସୀମାରାଣୀଙ୍କ ସହିତ ଅନୁଭବ ଏକ ଶୋଭାଯାତ୍ରାରେ ବାହାରି ବିଭିନ୍ନ ଗ୍ରାମ ପରିକ୍ରମା କରି ଜନସାଧାରଣଙ୍କୁ ପଦ୍ମ ଚିହ୍ନରେ ଭୋଟ ଦେବାକୁ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ହିନ୍ଦୋଳ ନିର୍ବାଚନ ମଣ୍ଡଳୀ ପ୍ରଭାରୀ ସୁନିଲ ଶର୍ମା, ମଳୟ ସିଂହ, ଯୁବନେତା ରମେୟଙ୍କ ସହିତ ବହୁ ଭାଜପା କର୍ମକର୍ତ୍ତା ସାମିଲ ହୋଇଥିଲେ।

# ପାପସରା ଚନ୍ଦନଯାତ୍ରା ପାଇଁ ପ୍ରସ୍ତୁତି ବୈଠକ



ବୈଠକରେ ଉପସ୍ଥିତ ଚନ୍ଦନ ଯାତ୍ରା କମିଟିର ସଦସ୍ୟମାନେ।

ବଇଣ୍ଡା,୨୩।୫(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକର ଐତିହାସିକ ପାପସରା ଚନ୍ଦନ ଯାତ୍ରା ମେ ୨୭ରେ ଅନୁଷ୍ଠିତ ହେବ। ଏ ନେଇ ପାପସରା ଗ୍ରାମ ସଭାପତି ପ୍ରସନ୍ନ ସାହୁଙ୍କ ସଭାପତିତ୍ୱରେ ଏକ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ପାଦକ ଦିବ୍ୟଲୋଚନ ସାହୁ, ସୌଦାଗର ବେହେରା, ଟୁନା ସାହୁ, ଗଣେଶ ପ୍ରଧାନ, ରାଜକିଶୋର ପ୍ରଧାନ, ବିଜୟ ପ୍ରଧାନଙ୍କ ସମେତ ଗ୍ରାମର ୯ଟି ଦଳର ଦଳୀୟ ସଭାପତି ଓ ସମ୍ପାଦକମାନେ ଯୋଗ ଦେଇଥିଲେ। ବୈଠକରେ ଚନ୍ଦନ ଯାତ୍ରାକୁ କିପରି ଶାନ୍ତିଶୃଙ୍ଖଳା ସହ ପାଳନ କରାଯିବ ସେ ବିଷୟରେ ଆଲୋଚନା ହୋଇଥିଲା । ଚନ୍ଦନ ଯାତ୍ରା ଅବସରରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ତପସ୍ୱିନୀ ଅପେରା ( ୨୭ ଓ ୨୮ ତାରିଖ) ଓ ଲିଟିଲ ଷ୍ଟାର ମେଲୋଡି, ପ୍ରଭୁ ରାଧାକୃଷ୍ଣଙ୍କ ଶୋଭାଯାତ୍ରାରେ ଲଉଡି ଖେଳ, ଘଣ୍ଟବାଦ୍ୟ, ମହିଳା ସଙ୍କୀର୍ତ୍ତନ, ହାତୀ, ଘୋଡ଼ାନାଚ, ରାଜାରାଣୀ ନାଚ, ଫୁଲ ପନସା, ଦୁଲୁଦୁଲି ବାଦ୍ୟ, ଆତସବାଜି ତଥା ଡବଲ ଡିଜେ ପାଇଁ ନିଷ୍ପତି ହୋଇଛି। ଏଥିରେ ସମସ୍ତେ ସହଯୋଗ କରିବା ପାଇଁ ଚନ୍ଦନ ଯାତ୍ରା କମିଟି ପକ୍ଷରୁ ନିବେଦନ କରାଯାଇଛି।

## ୨ ଟ୍ରକ୍ ଧକ୍କା, ଜଣେ ଆହତ

ବଅଁରପାଳ,୨୩।୫(ସୁବାସ ସାହୁ)

ବଅଁରପାଳ ନାଲ୍‌କୋ ଥାନା ଏନ୍‌ଏଚ୍ ୫୫ ଉପରେ ୨ ଟ୍ରକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଜଣେ ଟ୍ରକ ଡ୍ରାଇଭର ଗୁରୁତର ହୋଇଛନ୍ତି। ତାଙ୍କ ପରିଚୟ ମିଳିପାରି ନାହିଁ। ପୋଲିସ କହିଛି, ଗୁରୁବାର ସକାଳେ ଅନୁଗୋଳରୁ ଏକ ଟ୍ରେଲର ଆସୁଥିବାବେଳେ ନାଲ୍‌କୋ ପୁରୁଣା ଥାନା ସମ୍ମୁଖ ଏନ୍‌ଏଚ ୫୫ ଉପରେ ବିପରୀତ ଦିଗରୁ ଆସୁଥିବା ଟ୍ରେଲର ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଅନୁଗୋଳରୁ ଆସୁଥିବା ଟ୍ରେଲର ଡ୍ରାଇଭର ଗାଡି ଭିତରେ ଚାପି ହୋଇ ରହିଥିଲେ। ଦୁର୍ଘଟଣା ପରେ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଗାଡି ଅଟକି ରହିଥିଲା। ଖବରପାଇ ଅନୁଗୋଳ ଅଗ୍ନିଶମ ବାହିନୀ କର୍ମଚାରୀ, ନାଲ୍‌କୋ ପୋଲିସ, ସ୍ଥାନୀୟ ଲୋକଙ୍କ ସହାୟତାରେ ଜ୍ୟାକ ଲଗାଇ ଚାପି ହୋଇ ରହିଥିବା ଡ୍ରାଇଭରଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ପଠାଯାଇଛି।

# ଜିଲା ପ୍ରଶାସନର ନିର୍ବାଚନ ପ୍ରସ୍ତୁତି

ଅନୁଗୋଳ,୨୩।୫(ଅମିତ ସାମଲ)

ଏକକାଳୀନ ସାଧାରଣ ନିର୍ବାଚନ ୨୦୨୪ ପରିପ୍ରେକ୍ଷୀରେ ଅନୁଗୋଳ ଜିଲାରେ ଆସନ୍ତା ୨୫ ତାରିଖରେ ମତଦାନ ହେବ। ଏ ନେଇ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଜିଲାରେ ଥିବା ସମସ୍ତ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଲଲହରା, ତାଳଚେର, ଅନୁଗୋଳ, ଛେଣ୍ଡିପଦା ଓ ଆଠମଲ୍ଲିକ ଅନ୍ତର୍ଗତ ମୋଟ୍ ୧୧୬୩ ମତଦାନ କେନ୍ଦ୍ରରେ ୬୯୭୮ ଜଣ ପୋଲିଂ କର୍ମଚାରୀ ନିୟୋଜିତ ହୋଇଛନ୍ତି। ଜିଲାରେ ମୋଟ୍ ୯, ୭୮,୬୨୩ ଜଣ ମତଦାତା ରହିଛନ୍ତି। ପାଲଲହରାରେ ୧,୭୮,୫୨୮ ଜଣ ଥିବାବେଳେ ତାଳଚେରରେ ୧,୬୪,୨୪୯, ଅନୁଗୋଳରେ ୨,୧୪,୯୭୫, ଛେଣ୍ଡିପଦାରେ ୨,୧୧,୨୧୨ ଓ ଆଠମଲ୍ଲିକରେ ୨,୦୯,୬୫୯ ଜଣ ମତଦାତା ରହିଛନ୍ତି। ମୋଟ୍ ୧୧୬୩ଟି ମତଦାନ କେନ୍ଦ୍ର ମଧ୍ୟରୁ ୮୭ଟି ଅତି ସମ୍ବେଦନଶୀଳ ମତଦାନ କେନ୍ଦ୍ର ଚିହ୍ନଟ କରାଯାଇଛି। ଜିଲାରେ ନିର୍ବାଚନ ପରିଚାଳନା ପାଇଁ ୫ ଜଣ ନିର୍ବାଚନ ଅଧିକାରୀ (ରିଟର୍ନିଂ ଅଫିସର), ୧୦ ଜଣ ଏଆରଓ, ୧୨୯ ମାଇକ୍ରୋ ପର୍ଯ୍ୟବେକ୍ଷକ, ୧୧୩ ଜଣ ସେକ୍ଟର ଅଧିକାରୀ ସମେତ ୬୩୭ ଅତିରିକ୍ତ (ରିଜର୍ଭ) ପୋଲିଂ କର୍ମଚାରୀ ଓ ୧୨ ଜଣ ଅତିରିକ୍ତ (ରିଜର୍ଭ) ସେକ୍ଟର ଅଧିକାରୀ ମଧ୍ୟ ରହିବେ ବୋଲି ଜିଲା ନିର୍ବାଚନ କାର୍ଯ୍ୟାଳୟ ତରଫରୁ ସୂଚନା ଦିଆଯାଇଛି।

# ଖତ ଖାଉଛି ବିଟ୍ ପାଟ୍ରୋଲିଂ ଗାଡି

ବଅଁରପାଳ,୨୩।୫(ସୁବାସ ସାହୁ)



ଅନୁଗୋଳ ଜିଲା ବଅଁରପାଳ ବ୍ଲକ ନାଲ୍‌କୋ ଥାନା ଅଧୀନରେ ଚାଲିଥିବା ବିଟ୍ ପାଟ୍ରୋଲିଂ ବାଇକ୍ ଗୁଡ଼ିକ ଦୀର୍ଘଦିନ ହେବ ଅଚଳ ହୋଇପଡିଛି। ଫଳରେ ଉକ୍ତ ବାଇକ ଗୁଡ଼ିକ କୌଣସି କାମରେ ନ ଆସି ବହୁଦିନ ହେବ ପଡି ରହି ଖତ ଖାଉଥିବା ସାଧାରଣରେ ଅଭିଯୋଗ ହୋଇଛି। ପାଟ୍ରୋଲିଂ ବ୍ୟବସ୍ଥା ବନ୍ଦ ହେବା ପରେ ପୁଣି ନାଲ୍‌କୋ ଥାନା ଅନ୍ତର୍ଗତ ଗ୍ରାମ ଗୁଡିକରେ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇଛି। ଏହି ଆପରାଧିକ କାର୍ଯ୍ୟକଳାପ ନିୟନ୍ତ୍ରଣ କରିବା ନାଲ୍‌କୋ ପୋଲିସ ପାଇଁ କାଠିକର ପାଠ ହୋଇଛି। ପାଟ୍ରୋଲିଂ ନ ହେବାରୁ ଅଞ୍ଚଳରେ ନିଶା କାରବାର ବୃଦ୍ଧି ପାଇବାରେ ଲାଗିଛି। ଯାହାକୁ ନିୟନ୍ତ୍ରଣ କରିବା ପାଇଁ ପୋଲିସ ଅକ୍ଷମ ହୋଇପଡିଥିବା ସାଧାରଣରେ ଆଲୋଚନା ହେଉଛି। ସୂଚନାଯୋଗ୍ୟ, ରାଜ୍ୟ ସରକାର ଗ୍ରାମାଞ୍ଚଳରେ ଘଟୁଥିବା ଅପରାଧକୁ ନିୟନ୍ତ୍ରଣ କରିବା ସହ ଲୋକଙ୍କ ମଧ୍ୟରେ ସୁ-ସମ୍ପର୍କ ରଖି ଆସ୍ଥା ଭାଜନ ହେବା ପାଇଁ ୨୦୧୪ରେ ଏହି ବିଟ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥା ଲାଗୁ କରିଥିଲେ। ଏହି ବ୍ୟବସ୍ଥା କୁଲାଡ଼, ଗିରାଙ୍ଗ, ବଳରାମପ୍ରସାଦ, କାଣ୍ଡସର ଇତ୍ୟାଦି ଗ୍ରାମରେ ଲାଗୁ କରାଯାଇଥିଲା। ପ୍ରତ୍ୟେକ ମାସରେ ଗ୍ରାମ ମୁଖିଆ ଓ ବିଟ୍ ପୋଲିସ ମେମ୍ବରଙ୍କୁ ନେଇ ଏକ ରିଭ୍ୟୁ ମିଟିଂ ହେଉଥିଲା। ଫଳରେ ବିଟ୍ ପୋଲିସ ଅଧୀନ ଗ୍ରାମ ଗୁଡିକରେ ହେଉଥିବା ଅପରାଧିକ କାର୍ଯ୍ୟକଳାପର ସମୀକ୍ଷା ସହ ପରବର୍ତ୍ତୀ କାର୍ଯ୍ୟପନ୍ଥା ସ୍ଥିର କରାଯାଉଥିଲା। ବିଟ୍ ପାଟ୍ରୋଲିଂ ବ୍ୟବସ୍ଥା ଲାଗୁ ହେବାର ପ୍ରାୟ ୨ ବର୍ଷ ପରେ ହଠାତ୍ ଏହି ବ୍ୟବସ୍ଥା ବନ୍ଦ ହୋଇଯାଇଥିଲା। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଏ ନେଇ ନାଲ୍‌କୋ ଥାନା ଆଇଆଇସି ପ୍ରଦୀପ ମହନ୍ତ କହିଛନ୍ତି, ଥାନାରେ କର୍ମଚାରୀଙ୍କ ସଂଖ୍ୟା କମ୍ ରହିଛି। ତେଣୁ ଏହି ସେବା ଦେଇ ପାରୁନାହୁଁ।

# ସନ୍ଥପଡ଼ା ପଞ୍ଚାୟତବାସୀଙ୍କ ଆଶୀର୍ବାଦ ଭିକ୍ଷା କଲେ କାଳନ୍ଦୀ

ତାଳଚେର,୨୩।୫(ମନୋଜ ନନ୍ଦ)



ତାଳଚେର ଭାଜପା ବିଧାୟକ ପ୍ରାର୍ଥୀ କାଳନ୍ଦୀ ସାମଲ ଗୁରୁବାର ନିଜ ପଞ୍ଚାୟତ ସନ୍ଥପଡ଼ାରେ ପଦଯାତ୍ରା କରି ଭୋଟ ଭିକ୍ଷା କରିଛନ୍ତି। ଗ୍ରାମ ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ କାଳନ୍ଦୀ ଘର ଘର ବୁଲି ପଞ୍ଚାୟବାସୀଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ଶତାଧିକ ଗ୍ରାମବାସୀ ଏକତ୍ରିତ ହୋଇ ତାଙ୍କୁ ଆଶୀର୍ବାଦ ଦେଇଥିବା ଦେଖିବାକୁ ମିଳିଥିଲା। ଏହି କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ ପ୍ରବକ୍ତା ଠାକୁର ରଞ୍ଜିତ ଦାସ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ବୃନ୍ଦାବନ ବେହେରା, ମଣ୍ଡଳ ସଭାପତି ବରୁଣ ସାହୁ, ସହଦେବ ସାହୁ, ପ୍ରଦୀପ ସାମଲ, ସୁଧୀର ବଳ, ଚିତ୍ତ ରଥ, ବୁଲୁ ରଥ, ଲୁଲୁ ବେହେରା, ସୁନିଲ ସାମଲ, ରାକେଶ ସାମଲ, ସୁଶାନ୍ତ ଦାସଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ।

